# Akashvani, Sambalpur

## SAMBALPURI NEWS BULLETIN

### 3 June 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ଦେବ୍‌ଗଡ଼୍ ଗସ୍ତ          ଦେବ୍‌ଗଡ଼୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ଦେବ୍‌ଗଡ଼୍ ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବେ । ଦେବ୍‌ଗଡ଼୍ ନୂଆବାଲିରୋଇ ଠାନେ ତିଆର୍ ହେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ନୂଆଁ କୋଠା ଉଦ୍‌ଘାଟନ୍ କରିକରି ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ୍ ଦେବେ ।

ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା      I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଓଡ଼ିଶା ରାଜ୍ୟ ସଡ଼କ ପରିବହନ୍ ନିଗମ୍‌ର ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ୍ ଆର୍ ଶିଳାନ୍ୟାସ୍ କର୍‌ବାର୍ ସହେତେ ଶୂନ୍ୟ ଦୁର୍ଘଟଣା ଦିବସ୍‌ର ଶୁଭାରମ୍ଭ କର୍‌ବେ । ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ଠାନେ ହେବାର୍‌କେ ଥିବାର୍ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ନିଗମ୍ ତର୍‌ଫୁ ପୁରୀ, ଭୁବ୍‌ନେଶ୍ୱର୍,

ଭବାନୀପାଟ୍ନା ଆଉ ରାଇଘର୍ଠାନୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର୍ ଶୁଭାରମ୍ଭ କର୍ବେ । ଆଏବା କାଏଲ୍ଠାନୁ ଧାରିଜ୍ ଜାଗାନୁ ଦେଶର୍ ଭିନ୍ ଭିନ୍ ଜାଗାକେ ଇ ବସ୍ ମାନ୍ ଚଲାଚଲ୍ କର୍ବା ।

ପାନୀୟ ଜଳ ବିଭାଗ-ସମୀକ୍ଷା I&PR

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ ବିଭାଗ୍ର ଭିନ୍ ଭିନ୍ ଯୋଜ୍ନା ମାନ୍କର୍ ସମୀକ୍ଷା କରିଛନ୍ । ବିକଶିତ ଗାଁ- ବିକଶିତ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ମନରେଗା ଆଉ ତିଆର୍ ଚାଲିଥିବା ପିଇବାର୍ ପାଏନ୍ ପ୍ରକଳ୍ପ ମାନ୍କର୍ ମନ୍ତ୍ରୀ ସମୀକ୍ଷା କରିଛନ୍ । ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ୍ ରାଜ୍ୟର୍ ସମୃଦ୍ଧିକେ ବଢ଼ାବା ବଲି ଇ ଅବ୍ସରେ ମନ୍ତ୍ରୀ କହିଛନ୍ ।

ସିପିଇଟି ପ୍ରବେଶିକା ପରୀକ୍ଷାଫଳ I&PR

୨୦୨୫-୨୬ ଶିକ୍ଷା ବଛ୍ରେ ସ୍ନାତକୋତର ପାଠ୍ୟକ୍ରମ୍ଥି ନାଁଲେଖା ଲାଗି ହେଇଥିବା କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ- ସିପିଇଟି ପ୍ରବେଶିକା ପରୀକ୍ଷାଫଲ୍ ଆଏଜ୍ ଉପର୍ବେଲା ବାହାର୍ବା । ଛାତ୍ରଛାତ୍ରୀମାନେ ସାମ୍ସ ପିଜି ପୋର୍ଟାଲ୍ଥି ଫଲାଫଲ୍ ଜାନିପାର୍ବେ । ଇତାର୍ ଉତ୍ରୁ

ଛାତ୍ରଛାତ୍ରୀମାନେ ପୋର୍ଟାଲ୍‌ଥି ଆଏଜ୍‌ଠାନୁ ୮ ତାରିଖ୍‌ତକ୍ ନାଁଲେଖା ଲାଗି ଚଏସ୍ ଫିଲିଂ କରିପାର୍‌ବେ ।

ଜଳଉତ୍ସମାନ୍‌କର୍ ଗନ୍‌ନା ସମୀକ୍ଷା I&PR

ଓଡ଼ିଶା ନ ଥିବା ଜଳଉତ୍ସମାନ୍‌କର୍ ଗନ୍‌ନା ବାବଦ୍ ସମୀକ୍ଷା ବୈଠକ୍ ଗଲାକାଏଲ୍ ଉନ୍ନୟନ୍ କମିଶନର୍ ଆର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । କେନ୍ଦ୍ର ଜଳଶକ୍ତି ବିଭାଗ୍, ନଦୀ ବିକାଶ୍ ଆଉ ଗଙ୍ଗା ସଂରକ୍ଷଣ୍ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନ୍‌ସାରେ ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ରାଜ୍ୟ ନ ଥିବା ଜଲ୍‌ସମ୍ପଦ୍ ଆର୍ ଜଳଉତ୍ସ ମାନ୍‌କର୍ ଗନ୍‌ତି ଆର୍ ଡାଟାବେସ୍ କାମ୍ ଜାରି ରହିଛେ । ବୈଠକ୍‌ଥି ଇ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରିକରି ଜଳଉତ୍ସ ମାନ୍‌କର୍ ବାବ୍‌ଦେ ପ୍ରଭାବୀ ଆଉ ସଠିକ୍ ତଥ୍ୟ ଠୋଲ୍ କର୍‌ବାର୍ ଉପ୍‌ରେ ଉନ୍ନୟନ କମିଶନର୍ ପରାମର୍ଶ ଦେଇଛନ୍ । ଇଥି ପହେଲା କରି ବୃହତ୍, ମଧ୍ୟମ ଜଳସେଚନ ପ୍ରକଳ୍ପ ଆଉ ଝର୍‌ନା ମାନ୍‌କର୍ ଭିଲ୍ ଗନ୍‌ତିଥି ସାମିଲ୍ କରାଯାଇଛେ ।

ବିକଶିତ କୃଷି ସଂକଳ୍ପ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ କୃଷି ସଂକଳ୍ପ ଅଭିଯାନ୍‌ଥି ଆଏଜ୍ ସମ୍ବଲ୍‌ପୁର୍ କୃଷି ବିଜ୍ଞାନ୍ ତର୍‌ଫୁ ନାକଟିଦେଉଲ୍ ବ୍ଲକ୍‌ର ଭିନ୍ ଭିନ୍ ଗାଁ ନ କାର୍ଯ୍ୟକ୍ରମ୍‌ମାନ୍ ହେବା ।

ଇ ଅବ୍‌ସରେ ବୈଜ୍ଞାନିକ୍ ଆଉ ଅଧିକାରୀମାନେ ଚାଷୀମାନ୍‌କୁ ଆଧୁନିକ୍ କୃଷି ପଦ୍ଧତି, ମାଟିର ସ୍ୱାସ୍ଥ୍ୟ ପରିଚାଲନା ସହେତେ ଭିନ୍ ଭିନ୍ ଉନ୍ନତ ଚାଷ୍ ପଦ୍ଧତି ବାବ୍‌ଦେ ବୁଝାବେ ।

ବିକଶିତ କୃଷି ସଂକଳ୍ପ ଅଭିଯାନ            ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ ହରଦ୍‌ଖୋଲ୍ ଆଉ ଗର୍‌ଝୁରା  ଗାଁ ନ ବିକଶିତ କୃଷି ସଂକଳ୍ପ ଅଭିଯାନ୍ ହେଇଯାଇଛେ । ଇ ଅବ୍‌ସରେ କୃଷି ବୈଜ୍ଞାନିକ୍‌ମାନେ ଦୁହି ଗାଁ ନ ଆଧୁନିକ୍ ଚାଷ୍ ପ୍ରଯୁକ୍ତି ଆଉ ନିରନ୍ତର୍ ଚାଷ୍ ପଦ୍ଧତି ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କରିଥିଲେ । ଇତାର୍‌ସହେତେ କୃଷି ଅଧିକାରୀମାନେ ଚାଷୀମାନ୍‌କର୍ ସଙ୍ଗେ ଖରିଫ୍ ଫସଲ୍ ଯୋଜ୍‌ନା, ମାଟିର୍ ସ୍ୱାସ୍ଥ୍ୟ ପରିଚାଲନା, ପାଏନ୍ ମଡ଼ା ପଦ୍ଧତି ଆଉ ଭିନ୍ ଭିନ୍ ସର୍‌କାରୀ ଅନୁଦାନ୍ ବାବ୍‌ଦେ ବୁଝେଇଥିଲେ ।

ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ବ୍ଲକ୍ ଅମାନରା ପଂଚାୟତ୍ ଝିଅ ପାଇଁ ଗଛଟିଏ ଆଉ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ସଭାପତିତ୍ୱ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପ୍ରଶାସନ୍ ଆଉ ଜଙ୍ଗଲ୍ ବିଭାଗ୍ ଅଧିକାରୀମାନେ ଯୋଗ୍ ଦେଇକରି ନବଜାତ ଶିଶୁ କନ୍ୟା ମାନ୍‌କର୍ ଉଦ୍ଦେଶ୍ୟ‌ଥି ଗଛ୍ ଲଗେଇଥିଲେ । ଇ

ଅବ୍‌ସରେ ଗର୍ଭବତୀମାନ୍‌କୁ ଫଲ୍‌ମୂଲ୍ ପନିପରିବା ଆଉ ପୁଷ୍ଟିକର ଖାଦ୍ୟ ଉପହାର ଦେଇଥିଲେ ।

ରାଜ୍ୟ ସର୍‌କାର୍ ବଛର୍‌ପୂର୍ତି        କଲାହାଣ୍ଡି ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି ପାଲନ୍ ଅବ୍‌ସରେ ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଜୁନ୍ ୧୨ ନୁ ୨୦ ତାରିଖ୍‌ତକ୍ ଲାଲ୍‌ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ସାଧାରଣ୍ ସଭା, ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍, ପ୍ରଦର୍ଶନୀ, ଆଲୋଚନାଚକ୍ର ଆଉ ସାଂସ୍କୃତିକ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯବା ବଲି ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ସୂଚନା ଦେଇଛନ୍ ।

ସି ଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସି ଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ସମ୍ବଲ୍‌ପୁର୍ ଜୋନ୍ ଫାଇନାଲ୍‌ଥି ଆଏଜ୍ ଉପର୍‌ବେଲା ସମ୍ବଲ୍‌ପୁର୍ ଆର୍ ବର୍‌ଗଡ଼୍ ଦଲ୍ ଭିତ୍‌ରେ ମେଚ୍ ହେବା ।

ଇଥି ଜିତ୍‌ଲା ଦଲ୍ ଅଲ୍‌ଗା ଜୋନ୍ ମାନ୍‌କର୍ ବିଜୟୀ ଦଲ୍ ସାଙ୍ଗେ ଖେଲ୍‌ବା ।
ଗଲାକାଏଲ୍ ସୁବର୍ଣ୍ଣପୁର୍ ଦଲ୍ ୩-ଶୂନ୍ ଗୋଲ୍‌ଥି ସୁନ୍ଦର୍‌ଗଡ଼୍‌କେ ଆର୍ ବର୍‌ଗଡ଼୍ ଦଲ୍ ୧୦-ଶୂନ୍ ଗୋଲ୍‌ଥି ବୌଦ୍ଧକେ ହରେଇଛେ ।